**REGIONAL NEWS UNIT, AIR CUTTACK**

**Mid-day Bulletin (2.32 PM)**

**24 November - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଦେଶର ୧ ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ସ୍ୱତନ୍ତ୍ର ଅଭିଯାନ କରାଯିବ, ଆକାଶବାଣୀର 'ମନ୍ କି ବାତ୍'ରେ କହିଲେ : ପ୍ରଧାନମନ୍ତ୍ରୀ ।

  - ଏନ୍‌ସିସିରେ ଯୋଡ଼ିହେବା ପାଇଁ ଯୁବପିଢ଼ୀଙ୍କୁ ଦେଲେ ଆହ୍ୱାନ ।

- ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବର ଉଦ୍‌ଯାପନୀ ସମାରୋହରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ସୁନ୍ଦରଗଡ଼ରେ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପଇତାଲାଗି ନୀତି ପାଇଁ ଆସନ୍ତାକାଲି ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ ।

***GNR, BBSR***

# ମନ କି ବାତ୍

ରାଜନୀତିକ ପୃଷ୍ଠଭୂମି ନଥିବା ପରିବାରର ଯୁବକମାନଙ୍କୁ ରାଜନୀତିରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଆକାଶବାଣୀର ମନ କି ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଦେଶର ପ୍ରାୟ ୧ ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ଆଗାମୀ କିଛିମାସ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯିବ । ଆସନ୍ତାବର୍ଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳନ ଅବସରରେ ଦିଲ୍ଲୀରେ **ବିକଶିତ ଭାରତ ଯୁବନେତା ବାର୍ତ୍ତାଳାପ** ଶୀର୍ଷକ ଏକ କାର୍ଯ୍ୟକ୍ରମର ଆୟୋଜନ ହେବ । ସ୍ୱାମୀଜୀଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତ୍ୟେକବର୍ଷ ଜାନୁୟାରୀ ୧୨ ତାରିଖକୁ ଦେଶରେ ଯୁବଦିବସ ଭାବେ ପାଳନ କରାଯାଇଥାଏ । ତୃଣମୂଳସ୍ତରରୁ ଚୟନ ହୋଇଥିବା ୨ ହଜାର ଯୁବକ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏହି ଅବସରରେ ଏକାଠି ହେବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**- V/O -**

ଅନ୍‌ଲାଇନ୍ ଠକେଇରୁ ସତର୍କ ରହିବା ପାଇଁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ସଂପର୍କରେ ଉଲ୍ଲେଖ କରି

ସେ କହିଛନ୍ତି, ଏହା ଅଧିକ ସରଳ ହୋଇପାରିଛି । ଏପର୍ଯ୍ୟନ୍ତ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ହାସଲ କରିଥିବା ଲୋକଙ୍କ ସଂଖ୍ୟା ୮୦ ଲକ୍ଷ ଅତିକ୍ରମ କରିଛି । ସେମାନଙ୍କ ମଧ୍ୟରୁ ୮୦ ବର୍ଷ ବୟସ୍କ ୨ ଲକ୍ଷରୁ ଅଧିକ ଲୋକ ଥିବା ଜଣାପଡ଼ିଛି । ବୟସ୍କ ଲୋକଙ୍କୁ ଅନଲାଇନ ଠକେଇରୁ ଦୂରେଇ ରଖିବା ଲାଗି ଯୁବବର୍ଗ ଆଗେଇ ଆସିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏନ୍‌ସିସି ଦିବସ ଆଜି ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏନ୍‌ସିସିରେ ବାଳିକା କ୍ୟାଡେଟ୍‌ଙ୍କ ସଂଖ୍ୟା ୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏନ୍‌ସିସିକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି । ଦେଶର ୫ ହଜାର ନୂତନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏନ୍‌ସିସିକୁ ସାମିଲ କରାଯାଇଛି । ଏବେ ୨୦ଲକ୍ଷରୁ ଅଧିକ ଯୁବବର୍ଗ ଏନ୍‌ସିସି ସହ ଜଡ଼ିତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶର ପ୍ରାଚୀନ ସାମୁଦ୍ରିକ ସାମର୍ଥ୍ୟ ସମ୍ବନ୍ଧୀୟ ପ୍ରମାଣକୁ ସୁରକ୍ଷିତ କରି ରଖିବା ପାଇଁ ଏକ ଅଭିଯାନ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିପାଇଁ ଲୋଥଲ୍ ଠାରେ ଏକ ବଡ଼ ସଂଗ୍ରହାଳୟ ମଧ୍ୟ ନିର୍ମାଣ କରାଯାଇଛି । ଚିଙ୍ଗୁଡ଼ି’ ଜୈବ ବିବିଧତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସହରୀକରଣ ବୃଦ୍ଧି ଯୋଗୁଁ ଚିଙ୍ଗୁଡ଼ି ପରିମାଣ ହ୍ରାସ ପାଉଥିବା ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ

କରିଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ନେଇ ଦେଶର ବିଭିନ୍ନ ପ୍ରାନ୍ତରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ମାତ୍ର ୫ ମାସ ମଧ୍ୟରେ ଶହେ କୋଟି ଚାରା ରୋପଣ ଉଲ୍ଲେଖନୀୟ କାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବାରୁ ଦେଶବାସୀଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି । ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଫଳପ୍ରଦ ପରିବର୍ତ୍ତନ ଆଣିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶରେ ବର୍ଜ୍ୟବସ୍ତୁରୁ ଆୟ ପରିକଳ୍ପନା ବହୁ ପୁରାତନ । ଏକ ସ୍ଥାୟୀ ଜୀବନଶୈଳୀକୁ ଏହା ପ୍ରୋତ୍ସାହନ ପ୍ରଦାନ କରିଥାଏ । ଏ ଦିଗରେ କାର୍ଯ୍ୟ କରୁଥିବା ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି ।

***PIB***

## ଓଡ଼ିଶା ପର୍ବ-୨୦୨୪

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ପର୍ବ-୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାର ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦିଗରେ କାର୍ଯ୍ୟ

କରିବାରେ ସହାୟକ ହେଉଥିବା ନୂଆଦିଲ୍ଲୀର ଓଡ଼ିଆ ସମାଜ ଦ୍ୱାରା ପରିଚାଳିତ ଏହି ତିନିଦିନିଆ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହେଉଛି।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ସହାୟତା ରାଶି ଆଜି ସୁନ୍ଦରଗଡ଼ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦାନ କରିଛନ୍ତି । ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏହି ସହାୟତା ରାଶି ଦିଆଯାଇଛି । ଗତ ସେପ୍ଟେମ୍ବର ମାସ ୧୭ ତାରିଖରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ଦୁଇଟି ପର୍ଯ୍ୟାୟରେ ୬୦ ଲକ୍ଷ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି । ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ଆଜି ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ସାମିଲ୍ କରାଯାଇ ଆର୍ଥିକ ସହାୟତା ଦିଆଯାଇଛି । ସୂଚନାଯୋଗ୍ୟ, ଗତ ବୁଧବାର ସୁଦ୍ଧା ୧ କୋଟି ୧୬ ଲକ୍ଷ ମହିଳା ସୁଭଦ୍ରା ଯୋଜନାରୁ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନ କରିଥିଲେ।

***Desk***

## ବିଧାନସଭା

ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହାପୂର୍ବରୁ ଆସନ୍ତାକାଲି ପୂର୍ବାହ୍ଣ ୧୦ଟାରେ ବାଚସ୍ପତି

ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିବ। ଗୃହର ସୁପରିଚାଳନା ଲାଗି ବାଚସ୍ପତି ସବୁ ଦଳର ବିଧାୟକଙ୍କ ସହଯୋଗ ଲୋଡ଼ିବେ। ଆସନ୍ତା ଅଧିବେଶନରେ ଗୃହର ସମସ୍ତ କାର୍ଯ୍ୟ ବିଧି ଅନୁସାରେ ସମ୍ପାଦନ ହେବ ବୋଲି ବାଚସ୍ପତି କହିଛନ୍ତି। ସେପରି ଆସନ୍ତାକାଲି ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସର ବିଧାୟକ ଦଳ ବୈଠକ ବସିବ ବୋଲି ସୂଚନା ମିଳିଛି। ଏହି ଅଧିବେଶନ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୩୦ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ଦିବସରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ ହେବ ବୋଲି ଜଣାପଡିଛି।

***Puri***

## ପୁରୀ ଶ୍ରୀମନ୍ଦିର

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମାର୍ଗଶୀର କୃଷ୍ଣ ଦଶମୀ ତିଥିରେ ଶ୍ରୀଜୀଉମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଏହି ଗୁପ୍ତନୀତି ସମାପନ କରାଯିବ। ଏ ନେଇ ପ୍ରାୟ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

***Desk***

## କଟକ ବାଲିଯାତ୍ରା

କଟକ ମହାନଦୀ କୂଳରେ ଚାଲିଥିବା ଐତିହାସିକ ବାଲିଯାତ୍ରା ବିଧିବଦ୍ଧ ଭାବେ ଗତକାଲି ଶେଷ ହୋଇଛି। ଶେଷ ଦିନରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଲୋକ ଯାତ୍ରା ବୁଲିଥିବା ସୂଚନା ମିଳିଛି। ଉଭୟ ପଡ଼ିଆରେ ୨୫୦୦ରୁ ଅଧିକ ଷ୍ଟଲ ସାଙ୍ଗକୁ ୨ ହଜାରରୁ ଅଧିକ ବ୍ୟବସାୟୀ ମେଳାକୁ ଆସିଥିଲେ। ଏଥିରେ ୧୪ଟି ଦେଶର ରାଷ୍ଟ୍ରଦୂତ ଏବଂ ଉପାୟୁକ୍ତ ସାମିଲ ହୋଇ ଓଡ଼ିଆଙ୍କ ଆତିଥ୍ୟ ଦେଖିଥିଲେ। ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରଗୁଡ଼ିକର ସଂସ୍କୃତି ଓ ପରମ୍ପରା ସହ ଓଡ଼ିଶା ସଂସ୍କୃତିର ମହାମିଳନ ହୋଇଥିଲା। ଏହି ୯ ଦିନର ଯାତ୍ରାରେ ପ୍ରାୟତଃ ୨୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଓରମାସ୍‌ର ପଲ୍ଲିଶ୍ରୀ ମେଳାରେ ୩୦ରୁ ୪୦ କୋଟି ଟଙ୍କା ବ୍ୟବସାୟ ହୋଇଛି।

***Puri/R***

## ଭୋଟର ସଂଶୋଧନ

ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ ନୂତନ ଭୋଟର୍ ଭାବେ ଭୋଟ୍ ତାଲିକାରେ ନାମ ପଞ୍ଜୀକରଣ କିମ୍ବା ସଂଶୋଧନ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଆଜି ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ଚାଲିବ । ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କର ଭୋଟର୍ ତାଲିକାରେ ସଂଶୋଧନ କିମ୍ବା ଭୋଟର୍ ତାଲିକାରେ

ନୂତନ ଭାବରେ ନାମ ପଞ୍ଜୀକରଣ ନିକଟସ୍ଥ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଖରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କରିପାରିବେ । voters.eci.gov.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ମଧ୍ୟ ଏହି ବ୍ୟବସ୍ଥା ଉପଲବ୍ଧ ଅଛି ।

***Desk***

## ତାପମାତ୍ରା

ରାଜ୍ୟରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପରବର୍ତ୍ତୀ ୩ ଦିନ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । କନ୍ଧମାଳ, କୋରାପୁଟ, କଳାହାଣ୍ଡି ଏବଂ ସୁନ୍ଦରଗଡ ଜିଲ୍ଲାର ପାହାଡ଼ିଆ ଏବଂ ସମତଳ ଅଞ୍ଚଳଗୁଡ଼ିକରେ ଶୀତ ପ୍ରଭାବ ସାମାନ୍ୟ କମିବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।